# ଗଞ୍ଜାମ ଜିଲା: ୪୨୦ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା

## ପ୍ରଥମ ଦିନ ୩,୯୯୪ ପରୀକ୍ଷାର୍ଥୀ ଅନୁପସ୍ଥିତ

ବ୍ରହ୍ମପୁର ଅଫିସ,୨୯।୪:

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା (ସମେଟିଭ୍ ଆସେସ୍‌ମେଣ୍ଟ-୨) ଆରମ୍ଭ ହୋଇଛି। ଗଞ୍ଜାମ ଜିଲାରେ ୪୨୦ ସେଣ୍ଟରରେ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ଚଳିତଥର ସେମେଟିଭ-୨ରେ ଛାତ୍ରୀଛାତ୍ରମାନେ ସେମାନଙ୍କ ବିଦ୍ୟାଳୟରେ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନ ଇଂଲିଶ ପରୀକ୍ଷା ହୋଇଛି। ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ଅଧଘଣ୍ଟା ପୂର୍ବରୁ ପହଞ୍ଚିଥିଲେ। ମୋଟ ୮୦ ମାର୍କରୁ ୩୦ ମାର୍କ ଦୀର୍ଘ ପ୍ରଶ୍ନୋତ୍ତର ଓ ୫୦ ମାର୍କ ମଲଟିପଲ ଚଏସ ଥିବାରୁ ପରୀକ୍ଷା ଭଲ ହୋଇଥିବା ଛାତ୍ରୀଛାତ୍ର କହିଛନ୍ତି। ଗଞ୍ଜାମ ଜିଲାର ବିଭିନ୍ନ ସେଣ୍ଟରରେ ରେଗୁଲାର, ମଧ୍ୟମା ଓ ଏସଓଏସସିରେ ମୋଟ ୪୭,୧୬୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନ ୪୩,୧୬୬ ପରୀକ୍ଷା ଦେଇଥିବା ବେଳେ ୩,୯୯୪ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି।

ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚଳିତବର୍ଷ ୪୬,୩୦୮ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୨,୩୬୮ ଜଣ ପରୀକ୍ଷା ଦେଇଥିବା ବେଳେ ୩,୯୪୦ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିଲେ। ଷ୍ଟେଟ ଅପନ ସ୍କୁଲିଂ ସାର୍ଟିଫିକେଟ ପରୀକ୍ଷାରେ ଜିଲାର ୭୦୮ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନେଇ ଫର୍ମ ପୂରଣ ପରେ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ୬୮୮ ଜଣ ପରୀକ୍ଷା ଦେଇଛନ୍ତି ଓ ୨୦ ଜଣ ଅନୁପସ୍ଥିତ ଅଛନ୍ତି। ସେହିପରି ମଧ୍ୟମାରେ ୧୪୪ଜଣ ଫର୍ମ ପୂରଣ କରିଥିଲେ ସୁଦ୍ଧା ୧୧୦ ଜଣ ପରୀକ୍ଷା ଦେଇଛନ୍ତି ଏବଂ ୩୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀ (ଡିଇଓ) ବିନୀତା ସେନପତି ସୂଚନା ଦେଇଛନ୍ତି। ସେହିପରି ପ୍ରଥମ ଦିନ ଇଂଲିଶ ପରୀକ୍ଷା ଜିଲାର ସମସ୍ତ ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ସରିଥିବା ଡିଇଓ କହିଛନ୍ତି। ପ୍ରଥମ ଦିନ ପରୀକ୍ଷା ପରେ ଛାତ୍ରୀଛାତ୍ର ବହୁତ ଭଲ ପ୍ରଶ୍ନ ଆସିଥିବାରୁ ଭଲ ମାର୍କ ରଖିବା ନେଇ ଆଶାବାଦୀ ଥିବା ମତ ପ୍ରକାଶ କରିଛନ୍ତି। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ସରିଛି। ପରୀକ୍ଷା କେନ୍ଦ୍ରରୁ ଆସିବା ପରେ ବ୍ରହ୍ମପୁର ଭିଭି ଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବି. ଦିପ୍ତିଶ୍ରୀ ପାତ୍ର କହିଛନ୍ତି, ପୂର୍ବରୁ ସେମେଟିଭ-୧ ଓ କ୍ଲାସ ପରୀକ୍ଷାରେ ଅଭ୍ୟସ୍ତ ଥିବାରୁ ସମେଟିଭ-୨ରେ କୌଣସି ଅସୁବିଧା ହୋଇନି। ସେହିପରି ଛାତ୍ରୀ ବି.ଦିବ୍ୟାଶ୍ରୀ ପାତ୍ର କହିଛନ୍ତି, ପୂର୍ବ ପ୍ରସ୍ତୁତି ଭଲ ଥିଲା ସେହି ଅନୁସାରେ, ପ୍ରଶ୍ନପତ୍ର ବହୁତ ସହଜ ଥିବାରୁ ୭୦ରୁ ଅଧିକା ମାର୍କ ରଖିବା ଆଶା ରଖିଛି। ଆଗାମୀ ପରୀକ୍ଷା ଗୁଡ଼ିକ ମଧ୍ୟ ଭଲ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଭର୍ତ୍ତି କାର୍ ଜବତ
### ପେସାଦାର ଅପରାଧୀ ଗିରଫ



ବ୍ରହ୍ମପୁର ଅଫିସ,୨୯।୪-ସଦର ଥାନା ପୋଲିସ ପକ୍ଷରୁ ଶୁକ୍ରବାର କାଲୁଆ ନିକଟ ପଦରବାଲି ଛକରେ ବ୍ଲକିଂ ଚାଲିଥିଲା। ସେ ସମୟରେ ଏକ କାର୍ (ଓ ଆର ୦୨ ବିଏସ ୧୧୧୯) ଦିଗପହଣ୍ଡି ପଟୁ ଦ୍ରୁତଗତିରେ ବ୍ରହ୍ମପୁର ଅଭିମୁଖେ ଆସୁଥିଲା। ପୋଲିସ ଉକ୍ତ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ପୋଲିସ ୪ଟି ଅଖାରେ ଥିବା ୮୨ କେଜି ଗଞ୍ଜେଇ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଜଣେ ପେସାଦାର ଅପରାଧୀଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମର ସନ୍ତୋଷ ଗୌଡ଼ (୩୪)। ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ସଦର ଏସଡ଼ିପିଓ ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି। ମାମଲା ନଂ.୧୬୪/୨୨ରେ ସନ୍ତୋଷଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଗଞ୍ଜେଇ ଚାଲାଣ ର୍ୟାକେଟରେ ଆଉ କେଉଁମାନେ ସାମିଲ ଅଛନ୍ତି ସେ ନେଇ ପୋଲିସ ଏବେ ଛାନଭିନ କରୁଛି। ଉକ୍ତ ଗଞ୍ଜେଇ ଗଜପତି ଜିଲାରୁ ବ୍ରହ୍ମପୁର ଚାଲାଣ ହେଉଥିଲା ବୋଲି ସନ୍ତୋଷ ସୂଚନା ଦେଇଛନ୍ତି।

### ଆଇନଜୀବୀଙ୍କ ବିୟୋଗ

ଭଞ୍ଜନଗର,୨୯।୪(ଡି.ଏନ.ଏ)-ଭଞ୍ଜନଗର ବାର୍ ଆସୋସିଏଶନର ବରିଷ୍ଠ ସଦସ୍ୟ ରାଧାକୃଷ୍ଣ ମହାପାତ୍ର (୭୮)ଙ୍କ ଗୁରୁବାର ବେଲଗୁଣ୍ଠା ରୋଡ଼ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଥିଲା। ଶୁକ୍ରବାର ବାର ଆସୋସିଏଶନ ପକ୍ଷରୁ ଏକ ଶୋକସଭା ହୋଇଥିଲା। ଏଥିରେ ସଭାପତି ସନ୍ତୋଷ ନାୟକ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ଏମ୍ ତାଜ୍ ଆବେଦୀ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦଣ୍ଡପାଣି ସ୍ୱାଇଁ, ବିନୟ କୁମାର ରଥ, ରବି ଦାସ, ଗୋପାଳ କୃଷ୍ଣ ବିଷୋୟୀ, ସମ୍ପାଦକ ଅମରେଶ ମହାପାତ୍ର, ଉପ ସଭାପତି ଧିରେନ ସ୍ୱାଇଁ, କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ନୂଆଗାଁ ଦଣ୍ଡକାଳୀ ମନ୍ଦିର ପ୍ରତିଷ୍ଠା

ଭଞ୍ଜନଗର,୨୯।୪(ଡି.ଏନ.ଏ)-ବେଲଗୁଣ୍ଠା ବ୍ଲକ ଜି.ନୂଆଗାଁରେ ମା' ଦଣ୍ଡକାଳିଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଏହା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ବଡ଼ନଦୀରୁ କଳସ ଶୋଭାଯାତ୍ରା ବାହାରି ମନ୍ଦିର ନିକଟକୁ ଆସିଥିଲା। ଏଥିସହ ଦୀକ୍ଷାଗ୍ରହଣ, ଅଙ୍କୁରୋପଣ ମଧ୍ୟ ହୋଇଥିଲା। ଶନିବାର ବନଯୋଗ ଓ ନାମଯଜ୍ଞ ଆରମ୍ଭ ହେବ। ରବିବାର ଦେବତା ସ୍ନାନ, ରତ୍ନମୁଦ ଓ ପ୍ରାଣ ପ୍ରତିଷ୍ଠା, ସୋମବାର ନଗର ଭ୍ରମଣ, ସିଂହାସନ ଆରୋହଣ, ପୂର୍ଣ୍ଣାହୁତି ଏବଂ ମଙ୍ଗଳବାର ନାମଯଜ୍ଞ ସମାପନ ହେବ। ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରୁଛନ୍ତି।

### ବିଦ୍ୟୁତ୍ ଖୁଣ୍ଟରୁ ଖସି କର୍ମଚାରୀ ଗୁରୁତର

ଗଞ୍ଜାମ,୨୯।୪(ଡି.ଏନ.ଏ.)-ବିଦ୍ୟୁତ ଖୁଣ୍ଟରେ ଚଢ଼ି ଲାଇନ ସଜାଡୁ ଥିବା ବେଳେ ହଠାତ ତଳକୁ ଖସି ପଡି ଲାଇନମ୍ୟାନ ଗୁରୁତର ହୋଇଛନ୍ତି। ସେ ହେଲେ ଦାମୋଦରପୁର ଗ୍ରାମର ପି.ଭୀମ ରେଡ୍ଡୀ। ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। କନିଷ୍ଠ ଯନ୍ତ୍ରୀ କେ ଡିଲେଶ୍ୱର ଆଚାର୍ଯ୍ୟ ଏବଂ ଗଞ୍ଜାମ ବିଦ୍ୟୁତ ସେକ୍ସନ ସୁପରଭାଇଜର ସୂର୍ଯ୍ୟ ନାରାୟଣ ବିଶୋଇ ପ୍ରମୁଖ ବ୍ରହ୍ମପୁର ମେଡିକାଲ ଯାଇ ଆହତ ଲାଇନମେନଙ୍କ ଅବସ୍ଥା ପଚାରି ବୁଝିଛନ୍ତି।

### ବସ୍ ଧକ୍କାରେ ମହିଳା ମୃତ

ଆସିକା,୨୯।୪(ଡି.ଏନ୍.ଏ.)- ସୋରଡ଼ା-କଣ୍ଟେଇପଲ୍ଲୀ ମୁଖ୍ୟରାସ୍ତାର ଗାଙ୍ଗପୁର ଥାନା ଅନ୍ତର୍ଗତ ମରେଇପାଟ ଛକ ନିକଟରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ସେହି ବସର ଜଣେ ଯାତ୍ରୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତା ଜଣକ ବଡ଼ଗଡ଼ ଥାନା ବାଦପୁର ଗ୍ରାମର ଅସ୍ତ୍ରମା ନାୟକ(୪୮)। ଅସ୍ତ୍ରମା ସ୍ୱାମୀଙ୍କ ସହ ଏହି ବସ୍‌ରେ ସୋରଡ଼ାରୁ ମରେଇପାଟ ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ଲାଗି ଆସୁଥିଲେ। ମରେଇପାଟ ଛକଠାରେ ବସ୍‌ରୁ ଓହ୍ଲାଇବା ପରେ ତଳେ ପଡ଼ିଯାଇଥିଲେ ଏବଂ ତାଙ୍କ ଉପରେ ବସ୍ ମାଡ଼ିଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ଭଞ୍ଜନଗର ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ.୧୭୦/୨୨ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

# ରାସ୍ତା, ଡ୍ରେନ୍ କାମ ସାରିବାକୁ ଦାବିପତ୍ର




ବ୍ରଜନଗର ଉନ୍ନୟନ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ,୨୯।୪

ରେଡିଓ ଷ୍ଟେଶନ ଠାରୁ ଲୋଚପଡା ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ଏବଂ ଡ୍ରେନ କାର୍ଯ୍ୟ ଦୀର୍ଘ ୩ ବର୍ଷ ଧରି ଚାଲୁରହିଛି। ବର୍ଷା ଋତୁ ପୂର୍ବରୁ ଏହି କାମ ଶେଷ କରିବା ଦାବି ନେଇ ଶୁକ୍ରବାର ବ୍ରଜନଗର ଉନ୍ନୟନ ପରିଷଦ ପକ୍ଷରୁ ପିଡବ୍ଲୁଡି ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ଯନ୍ତ୍ରୀ ନିର୍ମଳ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲୁ ରହିଥିବାରୁ ସ୍ଥାନୀୟ ବାସିନ୍ଦା ଏବଂ ଏହି ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି। ବର୍ତ୍ତମାନ ଏହି ରାସ୍ତାଟି ସହରର ଏକ ବ୍ୟସ୍ତବହୁଳ ଓ ବିଭିନ୍ନ ଗ୍ରାମାଞ୍ଚଳକୁ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଆଗକୁ ବର୍ଷା ଦିନ। ତେଣୁ ଏହି ରାସ୍ତା ଏବଂ ଡ୍ରେନ ନିର୍ମାଣ କାମ ସମ୍ପୂର୍ଣ୍ଣ କରାନଯାଏ, ତେବେ ବର୍ଷାରେ ନାଳ ନର୍ଦ୍ଦମା ପାଣି ରାସ୍ତାରେ ଲହଡ଼ି ମାରିବ। ନିର୍ମାଣାଧୀନ ରାସ୍ତାଟି ନଷ୍ଟ ହୋଇଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏ ନେଇ ସହକାରୀ ଯନ୍ତ୍ରୀ କହିଛନ୍ତି, ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଆସନ୍ତା ୧୫ ତାରିଖ ପୂର୍ବରୁ ରାସ୍ତା କାମ ସାରିବା ପାଇଁ ପରାମର୍ଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡ୍ରେନ ନିର୍ମାଣ କାର୍ଯ୍ୟ ବର୍ଷା ଦିନ ପୂର୍ବରୁ ସାରିବା ପାଇଁ ଠିକା ସଂସ୍ଥାକୁ କୁହାଯିବ ବୋଲି କହିଥିଲେ। ତେବେ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ନ ହେଲେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ବ୍ରଜନଗର ଉନ୍ନୟନ ପରିଷଦ ସଭାପତି ଡ.ଶିବ ପ୍ରସାଦ ମିଶ୍ର, ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଟି ସୁଦେସ କୁମାର ପାତ୍ର, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପଢ଼ିହାରୀ, କୋଷାଧ୍ୟକ୍ଷ ବି.ଭି.ସାଗର, ସଂଯୋଜକ ସି.ଏଚ. ରାମ କ୍ରିଷ୍ଣା ଦାସ, ଉପଦେଷ୍ଟା ଗଣେଶ ଚନ୍ଦ୍ର ଦାସ ଓ ସୁରେଶ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

ବ୍ରହ୍ମପୁର ଅଫିସ,୨୯।୪

ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଟାଉନ ଥାନା ପୋଲିସ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ତୋଟାସାହିରୁ ଅପହରଣକାରୀଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଜଗଦଳପୁର ସୂର୍ଯ୍ୟକାନ୍ତ ନଗରର ମୁକେଶ ପାତ୍ର ଓରଫ୍ ଗୁକୁନା (୨୪)। ସେଠାରୁ ପୀଡ଼ିତାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଶୁକ୍ରବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଏମକେସିଜି ମେଡିକାଲରେ ଡ଼ାକ୍ତରୀ ମାଇନା କରିଛି। ପରେ ମାମଲା ନଂ ୧୦୧/୨୨ରେ ଅଭିଯୁକ୍ତ ଗୁକୁନାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ ମଧ୍ୟ କରାଯାଇଛି। ପ୍ରକାଶ ଯେ ଟାଉନ ଥାନା ଅନ୍ତର୍ଗତ ଏକ ସରକାରୀ ମହାବିଦ୍ୟାଳୟରେ ପଢୁଥିବା ଜନୈକା ଯୁକ୍ତ ୨ ଛାତ୍ରୀଙ୍କୁ ଗତ କିଛିଦିନ ତଳେ ଅପହରଣ କରାଯାଇଥିଲା। ଏନେଇ ପିଡ଼ିତାଙ୍କ ପରିବାର ବର୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ପରେ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କୁ ଗିରଫ କରିଛି।

# ଯୁବକଙ୍କ ମୃତଦେହ ଜବତ

ଭଞ୍ଜନଗର,୨୯।୪(ଡି.ଏନ.ଏ)

ଭଞ୍ଜନଗର,୨୯।୪(ଡି.ଏନ୍.ଏ.)- ଭଞ୍ଜନଗର-ଫୁଲବାଣୀ ମୁଖ୍ୟ ରାସ୍ତାକଡରେ ଥିବା ପୁରୁଣା ମାଛ ଯାଆଁଳ କେନ୍ଦ୍ର ପରିସରରୁ ଶୁକ୍ରବାର ଭଞ୍ଜନଗର ପୋଲିସ ଏକ ମୃତଦେହ ଜବତ କରିଛି। ସେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ମାଣିତରାର ଶମ୍ଭୁ ପରିଡା। କିଭଳି ପରିସ୍ଥିତିରେ ଶମ୍ଭୁଙ୍କ ମୃତ୍ୟୁ ଘଟିଲା ତାହା ଜଣାପଡିନାହିଁ। ଭଞ୍ଜନଗର ପୋଲିସ ନଂ.୧୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶମ୍ଭୁ ଭଞ୍ଜନଗର କେମିତି ଆସିଲେ ମଧ୍ୟ ତାହା ସ୍ପଷ୍ଟ ହୋଇନାହିଁ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ।

# ରୋକିହେଉନି ଜଙ୍ଗଲ ନିଆଁ

## ଧୂଆଁରେ ଅତିଷ୍ଠ ଭଞ୍ଜନଗରବାସୀ



ଡହ ଜଙ୍ଗଲ ଜଳୁଛି।

ଭଞ୍ଜନଗର,୨୯।୪(ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ ଗତ କିଛିଦିନ ହେବ ତାପମାତ୍ରା ବୃଦ୍ଧି ପାଇଛି। ଘୁମୁସର ଉତ୍ତର ବନଖଣ୍ଡରେ ଜଙ୍ଗଲ ପୋଡ଼ି ଯୋଗୁ ତାପମାତ୍ରା ଆଉ କିଛି ପରିମାଣରେ ବୃଦ୍ଧି ପାଉଛି। ଜଙ୍ଗଲ ପୋଡ଼ି ଯୋଗୁ ଭଞ୍ଜନଗର ଅଞ୍ଚଳବାସୀ ଧୂଆଁରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବନ କର୍ମଚାରୀମାନେ ନିଆଁକୁ ଆୟତ କରି ପାରୁନାହାନ୍ତି। କେତକ ସ୍ଥାନରେ ବନବିଭାଗ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବା ଯୋଗୁ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। କିଛିଦିନ ହେବ ଡ଼ହ, ସୋରାଦେବୀ, କୁଲାଡ଼ ଆଦି ଜଙ୍ଗଲରେ ବାରମ୍ବାର ନିଆଁ ଲାଗୁଛି। ତେଣୁ ଦିନତମାମ ଜଙ୍ଗଲରୁ ଧୂଆଁ ବାହାରୁଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

# ସେଲ୍ସମ୍ୟାନଙ୍କୁ ଆକ୍ରମଣ କରି ଟଙ୍କା, ସୁନା ଲୁଟ

ବ୍ରହ୍ମପୁର ଅଫିସ,୨୯।୪

ମେଡିକାଲ ବ୍ୟାଙ୍କ କଲୋନୀ ସିଦ୍ଧାର୍ଥନଗର ଛକଠାରେ ଗୁରୁବାର ରାତିରେ ଜଣେ ସେଲ୍ସମ୍ୟାନଙ୍କୁ ଖଣ୍ଡାରେ ଆକ୍ରମଣ କରି ଟଙ୍କା ଓ ସୁନା ଚେନ ଲୁଟ୍ ଅଭିଯୋଗରେ ୮ ଜଣଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପାଣିଗ୍ରାହୀ ପେଣ୍ଠ ସାହିର କାହ୍ନା ସେଠୀ, ଶାସ୍ତ୍ରୀନଗର ୩ୟ ନଗରର ସାଗର ପଣ୍ଡା, ଗେଟବଜାର ବିଲସାହିର ଗଣେଶ ଜେନା, ଦିଗପହଣ୍ଡି ଚାଞ୍ଚଡାପଲ୍ଲୀ ନୂଆସାହିର ପରେଶ ଲେଙ୍କା, ଜଗଦଳପୁର ବଡବାଉରୀ ସାହିର ସନ୍ତୋଷ ଦାସ, ଆଙ୍କୁଶପୁରର ରାଜନୀକାନ୍ତ ପାଣିଗ୍ରାହୀ, ବ୍ରଜନଗର ପ୍ରଥମ ଲାଇନର ରାହୁଲ ପୋଦାର ଏବଂ ଯୋଗୀଆପଲ୍ଲୀର ଏନ. ପ୍ରକାଶଚନ୍ଦ୍ର ପାତ୍ର। ମୁଖ୍ୟ ଅଭିଯୁକ୍ତ ଦକ୍ଷିଣପୁର ଗ୍ରାମର ସନ୍ତୋଷ ଗୌଡ଼ ଖସି ପଳାଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ଠାରୁ ୫,୩୦୦ ଟଙ୍କା, ୨ଟି ଖଣ୍ଡା, ୨ଟି ବାଇକ ଓ ଗୋଟିଏ ବ୍ୟାଟ ଜବତ ହୋଇଛି। ମାମଲା ନଂ.୧୨୦/୨୨ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗୁରୁବାର ରାତି ପ୍ରାୟ ୧୦ଟାରେ ଏକ ପାଣି କମ୍ପାନୀର ସେଲ୍ସମ୍ୟାନ କିରଣ କୁମାର ବେହେରା ଓ ତାଙ୍କ ସହଯୋଗୀ ରାଜେଶ ମହାନ୍ତି ପୃଥକ ଭାବେ ବାଇକ ଓ ସ୍କୁଟିରେ ଘରକୁ ଫେରୁଥିଲେ। ସିଦ୍ଧାର୍ଥନଗର ଛକଠାରେ ୯ ଅଭିଯୁକ୍ତ ସେମାନଙ୍କୁ ଅଟକାଇ ବଟି ମାଗିଥିଲେ। କିରଣ ଓ ରାଜେଶ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ଖଣ୍ଡା ଓ ବ୍ୟାଟରେ ଆକ୍ରମଣ କରିଥିଲେ। ଏଥିରେ କିରଣ ଗୁରୁତର ଆହତ ହୋଇଥିଲେ। ଅଭିଯୁକ୍ତମାନେ କିରଣଙ୍କ ବାଇକ ଓ ସ୍କୁଟି ଭଙ୍ଗାରୁଜା କରିବା ପରେ ତାଙ୍କଠାରୁ ଏକ ସୁନା ଚେନ ଓ ୫୩୦୦ ଟଙ୍କା ନେଇଯାଇଥିଲେ। ପରେ ଏ ନେଇ କିରଣ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

## ଆକ୍ରମଣ ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୨୯।୪

ଜଣେ ବ୍ୟକ୍ତିଙ୍କ ଉପରେ ପଥର ଛେଚି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସାହାପୁର ଗ୍ରାମର ବିଦେଶୀ ବେହେରା। ମାମଲା ନଂ ୬୮/୨୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ବିଦେଶୀ କିଛି ମାସ ହେବ ଗୋଷାଣିନୂଆଗାଁ ଗୁଡ଼ସେଡ଼ ରୋଡ଼ ନିକଟରେ ଥିବା ଏକ କବାଡ଼ି ଦୋକାନରେ ଦିନ ମଜୁରିଆ ଭାବରେ କାମ କରୁଥିଲେ। ଗୁରୁବାର ଉକ୍ତ ଦୋକାନ ମାଲିକଙ୍କ ବିବାହ ଉତ୍ସବ ରହିଥିଲା। ବିବାହରେ ମାଲିକଙ୍କ ଗାଡ଼ି ଡ୍ରାଇଭର ଦୀପକ ପ୍ରଧାନଙ୍କ ସହ ବିଦେଶୀ ଭୋଜି ଖାଇବାକୁ ଯାଇଥିଲେ। ସେଠାରେ କୌଣସି ପୁରୁଣା କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ବିଦେଶୀ ଉତକ୍ଷିପ୍ତ ହୋଇ ଦୀପକଙ୍କ ମୁଣ୍ଡକୁ ପଥରରେ ଆକ୍ରମଣ କରିଥିଲେ। ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବର ପାଇ ଗୋଷାଣିନୂଆଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲା।

## ବିଦ୍ୟୁତ୍ ତାର ଲାଗି ମଇଁଷି ମୃତ

ରାମଗିରି,୨୯।୪(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ଗ୍ରାମ ଉପରସାହିର ଭକ୍ତ ଗୌଡ଼ଙ୍କ ଏକ ମଇଁଷିର ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ଘଟିଛି। ସକାଳୁ ଭକ୍ତ ନିଜର ମଇଁଷି ଗୋଠାକୁ ଯାଇ ଦେଖିଲା ବେଳକୁ ବିଦ୍ୟୁତ୍ ତାରଛିଣ୍ଡି ମଇଁଷି ଗୋଡ଼ ଉପରେ ପଡିଯିବାରୁ ମୃତ୍ୟୁ ହୋଇଥିବା ଦେଖିଥିଲେ। ବିଭାଗୀୟ କର୍ମଚାରୀଙ୍କୁ କହିବାରୁ ଲାଇନ କାଟିଥିଲେ। ନଚେତ ଆହୁରି ଅନେକ ପଶୁଙ୍କ ଜୀବନ ଯାଇଥାନ୍ତା। ରାମଗିରି ଅଞ୍ଚଳରେ ଲାଇନମ୍ୟାନଙ୍କ ବାରମ୍ବାର ଅନୁପସ୍ଥିତି ଯୋଗୁ ଏଭଳି ଅବ୍ୟବସ୍ଥା ହେଉଛି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଉକ୍ତ ମଇଁଷି ଦ୍ୱାରା ଭକ୍ତ ପରିବାରର ଭରଣପୋଷଣ କରୁଥିଲେ। ତେଣୁ ତାଙ୍କୁ ସରକାରଙ୍କ ତରଫରୁ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ପାଇକଙ୍କୁ ପଚାରିବାରୁ ସେ କହିଲେ ମୁଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣେଇବି। ସେ ଟାଟା କମ୍ପାନୀକୁ ଜଣେଇବେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ପଟ୍ଟନାୟକ ସହ ଯୋଗାଯୋଗ କରିବାରୁ ସେ କହିଲେ ମୁଁ ଜେଇଙ୍କ ସହ କଥା ହେଉଛି।

## କାର୍ଯ୍ୟକ୍ଷମ ହେଲା ସ୍ପ୍ରିଙ୍କଲେର

କାଶୀନଗର,୨୯।୪

କାଶୀନଗର ଏନ୍ଏସି କାର୍ଯ୍ୟାଳୟ ସନ୍ନିକଟରେ ଏନ୍ଏସି ଦ୍ୱାରା ପ୍ରାୟୋଜିତ ତ୍ରିକୋଣ ପାର୍କରେ ଯେଉଁ ଜଳସିଞ୍ଚନ ନିମନ୍ତେ ସ୍ପ୍ରିଙ୍କଲେର ବ୍ୟବସ୍ଥା ହୋଇଛି ତାହା ପ୍ରବଳ ଗ୍ରୀଷ୍ମ ପ୍ରଭାବରେ ମଧ୍ୟ କାର୍ଯ୍ୟକ୍ଷମ ହେଉ ନଥିଲା। ଗତ ୨୮ ତାରିଖରେ ଧରିତ୍ରୀରେ ଏ ନେଇ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଏନ୍ଏସି କର୍ତ୍ତୃପକ୍ଷ ଜଳସିଞ୍ଚନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ଗେଟରେ ଚାବି ନିୟମିତ ଖୋଲାଯାଉନାହିଁ। ଚାବି ଖୋଲାଗଲେ ଜନସାଧାରଣ ପାର୍କର ମଜା ନେଇପାରିଥାନ୍ତେ।

# ବର୍ଷାଦିନ ପୂର୍ବରୁ ଡ୍ରେନ୍, ରାସ୍ତା ମରାମତି ଲକ୍ଷ୍ୟ

## ବିଏମ୍‌ସି ପ୍ରାକ୍ ବଜେଟ ବୈଠକ

ବ୍ରହ୍ମପୁର ଅଫିସ,୨୯।୪




ବୈଠକରେ ଉପସ୍ଥିତ କର୍ପୋରେଟର।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାର ବିଏମସି ନୂତନ ସମ୍ମିଳନୀ କକ୍ଷରେ ପ୍ରାକ ବଜେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଅଧ୍ୟକ୍ଷତା କରିଥିଲେ। ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ ଓ ବିଡିଏ ସଚିବ ସସ୍ମିତ ରାଉତ ଉପସ୍ଥିତ ଥିଲେ। ବୈଠକରେ ୪୨ଟି ୱାର୍ଡର ଉପସ୍ଥିତ କର୍ପୋରେଟରମାନେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ କମିଶନରଙ୍କୁ ପ୍ରସ୍ତାବ ଦେଇଥିଲେ। ଗୃହ ଟିକସ ଆଦାୟ, ଜଳଛତ୍ର ବ୍ୟବସ୍ଥା ଓ ପ୍ରତି ୱାର୍ଡରେ ଥିବା କମ୍ୟୁନିଟି ହଲର ଉନ୍ନତୀକରଣ ପାଇଁ କର୍ପୋରେଟରମାନେ ପ୍ରସ୍ତାବ ଦେଇଥିଲେ।

ୱାର୍ଡ ନଂ.୨୨ କର୍ପୋରେଟର ପ୍ରଦୀପ ଶତପଥୀ ୱାର୍ଡରେ କୌଣସି ଗୃହପାଳିତ ପ୍ରାଣୀର ମୃତଦେହ ଉଠାଇବା ପାଇଁ ସଫେଇ କର୍ମଚାରୀମାନେ ମନା କରୁଥିବା ଅଭିଯୋଗ କରିଥିଲେ। ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମିଶନର କହିଥିଲେ। ଅନ୍ୟପଟେ ବିଏମସିପକ୍ଷରୁ ଗୃହ ଟିକସ ଆଦାୟ ହେଉଛି କି ନାହିଁ ସେ ବାବଦରେ ସବିଶେଷ ତଥ୍ୟ ପ୍ରଦାନ ପାଇଁ ସେ କହିଥିଲେ। ସେହିପରି ୩୬ ନଂ ୱାର୍ଡ କର୍ପୋରେଟର ସୋନାଲି ଗନ୍ତାୟତ ୱାର୍ଡରେ ବିଏମସିର ବହୁ ଜାଗା ଥିଲେ ବି ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ ବୋଲି କହିଥିଲେ। ତାହାକୁ ବ୍ୟବହାର ଉପଯୋଗୀ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସେହିପରି ୱାର୍ଡରେ ଖେଳପଡିଆ ଉନ୍ନତୀକରଣ, ଡ୍ରେନ ନିର୍ମାଣ, ଜଳଛତ୍ର ବ୍ୟବସ୍ଥା ଓ କମ୍ୟୁନିଟି ହଲର ଉନ୍ନତିକରଣ ପାଇଁ କହିଥିଲେ। ୨୬ ନଂ ୱାର୍ଡ କର୍ପୋରେଟର ଧୀରେଶ ସାବତ ମଧ୍ୟ ଖେଳପଡିଆର ଉନ୍ନତୀକରଣ ଓ ଭଲ ରାସ୍ତା ପାଇଁ ପରାମର୍ଶ ଦେଇଥିଲେ। ୧୫ ନଂ. ୱାର୍ଡ କର୍ପୋରେଟର ଆର.ପାୱନୀ ଆସିକା ରୋଡଠାରେ ଦୁର୍ଘଟଣାକୁ ଏଡାଇବା ପାଇଁ ଟ୍ରାଫିକ ପୋଲିସ ମୁତୟନ ପାଇଁ ପ୍ରସ୍ତାବ ଦେଇଥିଲେ। ୨୪ ନଂ. ୱାର୍ଡ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ପ୍ରତି ୱାର୍ଡରେ କର୍ପୋରେଟର କାର୍ଯ୍ୟାଳୟ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ୱାର୍ଡ ଗୁଡ଼ିକରେ ଗାରବେଜ ପଏଣ୍ଟ ସହ ପ୍ରତି ସାହିକୁ ଜାନିବିଲି ପାଇପ ଲାଇନ ବିଛାଇବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବା ପାଇଁ କହିଥିଲେ। ଏଥିସହ ବିଏମସି ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନା ସମୟ ସୀମା ବୃଦ୍ଧି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସହରର ବିଭିନ୍ନ ଅଞ୍ଚଳରେ ଥିବା କଲ୍ୟାଣ ମଣ୍ଡପ ପାର୍କିଂ ନିୟମ ମାନୁ ନ ଥିବା କାରଣରୁ ସେମାନଙ୍କଠାରୁ ଜରିମାନା ଆଦାୟ ପାଇଁ ଦାବି କରିଥିଲେ। ଏଥିସହ ବିଭିନ୍ନ ୱାର୍ଡରେ ଜାରି ରହିଥିବା ମୁକ୍ତା ଯୋଜନାରେ ବିଭିନ୍ନ କାର୍ଯ୍ୟ ସଂପର୍କରେ ସୂଚନା ସାଙ୍ଗକୁ ବର୍ଷା ଦିନ ପୂର୍ବରୁ ଡ୍ରେନେଜ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ଏ ନେଇ କମିଶନର କହିଥିଲେ ଯେ, ନ ରାସ୍ତା ଓ ଡ୍ରେନ ଗୁଡିକ ବର୍ଷା ଦିନ ପୂର୍ବରୁ ମରାମତି କରାଯିବ। ପ୍ରତି ୱାର୍ଡରେ ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ଓ ମିଶନ ଶକ୍ତି ଗୃହ ନିର୍ମାଣ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମିଶନର କହିଥିଲେ। ଏଥିସହ ପ୍ରତି ୱାର୍ଡରେ ସଫେଇ ପାଇଁ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ମେୟର ଆଗାମୀ ଦିନରେ ବିଭିନ୍ନ ୱାର୍ଡରେ ବିଜୁ ଆଦର୍ଶ କଲୋନୀ ସାଙ୍ଗକୁ ରାସ୍ତା ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଅବସରରେ ବିଏମସି ପକ୍ଷରୁ ଏସଏନଟି ରୋଡଠାରେ ନିର୍ମିତ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସର ମାଷ୍ଟର ପ୍ଲାନକୁ ପ୍ରଦର୍ଶିତ କରାଯାଇଥିଲା।

## ସଂକ୍ଷେପରେ

### କୁକୁଡା ପାଳନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୨୯।୪(ଡି.ଏନ୍.ଏ.)- ପାରଳାଖେମୁଣ୍ଡିଠାରେ ଥିବା ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଗତ ୧୦ ଦିନ ଧରି ଚାଲିଥିବା କୁକୁଡା ପାଳନ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଯାଇଛି। ଗତ ୧୮ରୁ ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମରେ ନୂଆଗଡ ବ୍ଲକରୁ ମୋଟ ୩୦ ପୁରୁଷ ଏବଂ ମହିଳା ତାଲିମ ନେଇଥିଲେ। ସମସ୍ତ ପ୍ରତିଭାଗୀ ମାନଙ୍କ ପାଇଁ ଅନୁଷ୍ଠାନରେ ରହିବା, ଖାଇବା ମାଗଣା ସହିତ ଯାତାୟତ ଭତ୍ତା ମଧ ପ୍ରଦାନ କରଯାଇଥିଲା। ଏହି ଅବସରରେ ଏକ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା ସଭାପତିତ୍ୱରେ ଗଜପତି ଜିଲା ନାବାର୍ଡ ବିକାଶ ପ୍ରବନ୍ଧକ ପ୍ରତୀକ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଗଜପତି ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ କିଶୋର ଚନ୍ଦ୍ର ନାଇକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରାଧାପକ ଦିଲ୍ଲୀପ କୁମାର ତନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଅନ୍ୟତମ ପ୍ରାଧାପିକା ଦିକ୍ଷ୍ୟାଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲା ଆଇନ ସେବା ପ୍ରାଧିକରଣର ସଚେତନତା ଶିବିର

ପାରଳାଖେମୁଣ୍ଡି,୨୯।୪(ଡି.ଏନ୍.ଏ.)-ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଗୋଷାଣୀ ବ୍ଲକ ସମ୍ମିଳନୀ କକ୍ଷଠାରେ କୋଭିଡ ପୀଡିତମାନଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧିକରଣର ସଚିବ ରବି ନାରାୟଣ ବେହେରା ଯୋଗ ଦେଇ ଏହି ସଚେତନତା କାର୍ଯ୍ୟକ୍ରମ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ। ଅନ୍ୟତମ ଅତିଥିଭାବେ ଉପ-ଜିଲାପାଳ, ପାରଳାଖେମୁଣ୍ଡି ଦିଲିପ କୁମାର ମହାରଣା ଯୋଗଦେଇ କୋଭିଡ ପୀଡିତମାନେ କିପରି ସରକାରୀ ଯୋଜନା ଯଥା ଆଶୀର୍ବାଦ ଯୋଜନାର ବାପା ଓ ମା'ଙ୍କୁ ହରାଇଥିବା ଶିଶୁଙ୍କ ଲାଗି ବ୍ୟବସ୍ଥା ରହିଛି ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧିକରଣର କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

# ବଢ଼ୁଛି ଆଇପିଏଲ୍ ଅନ୍‌ଲାଇନ୍ ବେଟିଂ

**■ପଥଭ୍ରଷ୍ଟ ଯୁବପିଢ଼ି, ଲକ୍ଷାଧିକ ଟଙ୍କା ବରବାଦ୍**
**■ଜୁଆଡ଼ିଙ୍କୁ ଧରିବା ପାଇଁ ପୋଲିସ ସଜାଗ**

ବ୍ରହ୍ମପୁର ଅଫିସ,୨୯।୪

ଆଇପିଏଲ୍ ମ୍ୟାଚ ଆରମ୍ଭ ହେବା ଦିନଠାରୁ ଏହାକୁ ନେଇ ବ୍ରହ୍ମପୁରରେ ବେଟିଂ ଆରମ୍ଭ ହୋଇଯାଇଛି। ବିଗତବର୍ଷ ଭଳି ଚଳିତ ବର୍ଷ ମଧ ଇଣ୍ଟରନେଟ ଜରିଆରେ ଯୁବପୀଢ଼ି ଅନଲାଇନରେ ଟଙ୍କା ବାଜି ଲଗାଉଛନ୍ତି। କମ୍ ସମୟରେ ଟଙ୍କା ଉପାର୍ଜନ ଲାଳସାରେ ସେମାନେ ପ୍ରଥଭ୍ରଷ୍ଟ ହେଉଛନ୍ତି। ଏଭଳି ବେଟିଂକୁ ଠାବ କରିବା ପାଇଁ ବ୍ରହ୍ମପୁର ପୋଲିସ ସଜାଗ ରହିଛି। ବ୍ରହ୍ମପୁର ପୋଲିସ ବିଗତ ବର୍ଷରେ ଏଭଳି ବହୁ କ୍ରିକେଟ୍ ବେଟିଂକୁ ଠାବ କରି ବୁକି ସମେତ ଜୁଆଡ଼ିମାନଙ୍କୁ ଗିରଫ କରିବା ସହ ଲକ୍ଷାଧିକ ଟଙ୍କା ଜବତ କରିଛି। ଚଳିତଥର ଆଇପିଏଲ୍ ଆରମ୍ଭରୁ ସହରରେ ପୁଣି ଜୁଆଡ଼ିମାନେ ସକ୍ରିୟ ହୋଇ ଉଠିଛନ୍ତି। ଅନ୍‌ଲାଇନରେ ଏକ ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ବେଟିଂ ଚାଲିଛି। କୋଲକାତା, ହାଇଦ୍ରାବାଦ ଓ ମୁମ୍ବାଇରେ ରହିଥିବା ମୁଖ୍ୟ ବୁକି ବ୍ରହ୍ମପୁରରେ କିଛି ସବ୍‌ବୁକି ଜରିଆରେ ଏହି କାରବାର ଚଳାଇଥାନ୍ତି। ସବ୍ ବୁକିମାନେ ଜିଲାରେ ଏବେ ସେମାନଙ୍କ ଏଜେଣ୍ଟଙ୍କ ଜରିଆରେ ଏହି ଆପ୍ ବିକ୍ରି କରୁଛନ୍ତି। ଉକ୍ତ ଆପର ମୂଲ୍ୟ ୨ ହଜାର ଟଙ୍କା ଠାରୁ ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ରହିଛି। ଯିଏ ଯେତେଟଙ୍କା ଦେଇ ଆପ୍ କିଣିବ ସେତିକି ଟଙ୍କା ପର୍ଯ୍ୟନ୍ତ ଅନଲାଇନରେ ଜୁଆ ଖେଳି ପାରିବ। ଅନଲାଇନରେ ମୋବାଇଲ୍ ସାହାଯ୍ୟରେ ଏହା ଖେଳା ଯାଉଥିବାରୁ ପୋଲିସ ସହଜରେ ଜୁଆଡିଙ୍କୁ ଠାବ କରିପାରୁନାହିଁ। ତେଣୁ ବର୍ତ୍ତମାନ ବ୍ରହ୍ମପୁର ସହର ସମେତ ଜିଲାରେ ପ୍ରବଳ ବେଟିଂ ଚାଲିଥିବା ଜଣାପଡିଛି। ପୋଲିସ ଏହି ଜୁଆଡ଼ିଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିବା ସହିତ ସାଇବର୍ ସେଲକୁ ଅଧିକ କ୍ରିୟାଶୀଳ କରିଛି।

ବ୍ରହ୍ମପୁର ପୋଲିସ ୨୦୧୭ ମେ ୧୦ ତାରିଖରେ ପାତ୍ରପେଙ୍ଗା ସାହିରେ ଚଢ଼ାଉ କରି ଆଇପିଏଲ୍ ବେଟିଂ ଚଳାଇଥିବା ୮ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠୁ ୮ଲକ୍ଷ ୩୩ହଜାର ଟଙ୍କା ଜବତ କରିଥିଲା। ସେହିବର୍ଷ ଜୁନ୍ ୧୫ ତାରିଖରେ ମାର୍ଥାପେଟା ସାହିରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି ୭ଲକ୍ଷ ୧ହଜାର, ୨୦୧୭ ସେପ୍ଟେମ୍ବର ୧୫ତାରିଖରେ କେନାଲ୍ ସାହିରେ ଚଢ଼ଉ କରି ୪ଜଣଙ୍କୁ ଗିରଫ କରିବା ସହିତ ୬ଲକ୍ଷ ୩୦ହଜାର ଟଙ୍କା ଏବଂ ୨୦୧୮ ଏପ୍ରିଲ୍ ୧୨ତାରିଖରେ ଫାଷ୍ଟଗେଟରେ ଚଢ଼ଉ କରି ୩ଜଣଙ୍କୁ ଗିରଫ କରି ୭ଲକ୍ଷ ୬୧ହଜାର ଟଙ୍କା ଜବତ କରିଥିଲା। ୨୦୧୯ ଓ ୨୦ ଏହି ଦୁଇ ବର୍ଷରେ ବ୍ରହ୍ମପୁର ସହର ମୁଖ୍ୟ ବୁକି କୁହାଯାଉଥିବା ଲାଲୀ ଆଚାରୀ ଓ ତାଙ୍କ ଗ୍ୟାଙ୍ଗର ୭ଜଣ ସଦସ୍ୟଙ୍କୁ ଗିରଫ କରିଥିଲା। ଲାଲୀଙ୍କ ଏକାଧିକ ଏକାଉଣ୍ଟ ଫ୍ରିଜ ହୋଇଥିଲା। ଅନ୍ୟପଟେ ଲାଲିଙ୍କ ବୟାନକୁ ଆଧାର କରି ବ୍ରହ୍ମପୁର ପୋଲିସ କଲିକତାରୁ ଆଇପିଏଲ ବେଟିଂ ରାକେଟର ଷ୍ଟକିଷ୍ଟ ଦିନେଶଙ୍କୁ ଗିରଫ କରିବା ସହ ଲକ୍ଷାଧିକ ଟଙ୍କା ଜବତ କରିଥିଲା। ଏପରିକି ତାଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ କରାଯାଇଥିଲା। ଚଳିତ ବର୍ଷ ପୋଲିସ କେବେ ଏହି ଜୁଆଡ଼ିମାନଙ୍କୁ କାବୁ କରୁଛି ତାହା ଦେଖିବାକୁ ରହିଲା। ଏନେଇ ବ୍ରହ୍ମପୁର ଏସଡ଼ିପିଓ ବିଷ୍ଣୁପ୍ରସାଦ ପତି କହିଛନ୍ତି, ପୋଲିସ ଏହି ଆଇପିଏଲ ବେଟିଂ ରାକେଟର ଗତି ବିଧି ଉପରେ କଡା ନଜର ରଖିଛି। ଅଭିଯୁକ୍ତମାନଙ୍କୁ ଠିକ ସମୟରେ କାବୁ କରାଯିବ ବୋଲି ସେ କହିଛନ୍ତି।

# ରଙ୍ଗେଇଲୁଣ୍ଡା ବ୍ଲକରେ ଭତ୍ତା ବଣ୍ଟନ



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

ଗୋପାଳପୁର,୨୯।୪(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକରେ ଶୁକ୍ରବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବ୍ଲକ ପରିସରରେ ଥିବା ସଦ୍‌ଭାବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପସଭାପତି ରାଜେଶ୍ୱରୀ ଦୋରା, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷା ଅନିତା ମହାଙ୍କୁଡ଼, ଅତିରିକ୍ତ ବିଡିଓ ତ୍ରିପତି ବାଲାଜୀ ସାମନ୍ତରା ଓ ପିଏ ମନୁ ପାତ୍ର ମଞ୍ଚାସୀନ ରହିଥିଲେ। ଏହି ଅବସରରେ ୨୩ଟି ପଞ୍ଚାୟତର ୨୩ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ବିଧବା ୧୬, କମ ବୟସରେ ବିଧବା ହୋଇଥିବା ୫୧, ଜାତୀୟ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ୩୮ ଜଣ ହିତାଧିକାରୀଙ୍କୁ ଦୁଇମାସର ଭତ୍ତା ଚେକ୍ ଆକାରରେ ବଣ୍ଟନ କରାଯାଇଥିଲା। ଏଥିସହ କିଛି ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠାଉଥିବା ନେଇ ମଧ କାର୍ଯ୍ୟକ୍ରମରେ ଅଭିଯୋଗ ଉଠିଥିଲା। ଏହି ଅବସରରେ ବିଶ୍ୱନାଥପୁର ସମିତିସଭ୍ୟ ବିଷ୍ଣୁପ୍ରିୟା ନାୟକ, ହଳଦିଆପଦର ସମିତିସଭ୍ୟ ପ୍ରବୀଣ କୁମାର, କୋଳଥିଗାଁ ସରପଞ୍ଚ ଜଗମୋହନ ପାତ୍ର, ସିଏଚ୍ ନରେଶ ପାତ୍ର, କୁଠାରସିଂ ସମିତିସଭ୍ୟ ଆଶିଷ ରାଉଳ, କୁଠାରସିଂ ସରପଞ୍ଚ ଦୁର୍ଯ୍ୟୋଧନ ରେଡ୍ଡୀ, ଟିକରଡ଼ା ସମିତିସଭ୍ୟ ଗୌରୀ ବେହେରା ଏବଂ ବହୁ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି ଗିରିସୋଲା-ଜଗନ୍ନାଥପୁର ରାସ୍ତା

ଗୋପାଳପୁର,୨୯।୪(ଡି.ଏନ.ଏ.)

୧୬ନଂ ଜାତୀୟ ରାଜପଥ ଗିରିସୋଲାଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟନ୍ତ ମୃତ୍ୟୁଯନ୍ତାର ହଟସ୍ପଟ ରୂପେ ପରିଚିତ। ଗତ ୨୪ ଦିନରେ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ୧୬ନଂ ଜାତୀୟ ରାଜପଥ ସୋର୍ଲା ରୋଡ, ଗୋଳନ୍ଥରା ଚଟି, ରଣ୍ଡା ଛକ, କନିଷି ହାଟ, ଜଗନ୍ନାଥପୁର ଛକ ଗୁଡ଼ିକ ଦୁର୍ଘଟଣାସ୍ଥଳ ରୂପେ ଚିହ୍ନଟ କରାଯାଇଛି। ଏହି ସ୍ଥାନଗୁଡ଼ିକରେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେବାର ନଜିର ରହିଛି। ଦୁର୍ଘଟଣା ସ୍ଥଳରେ ରାସ୍ତାରୋକୋ ହୋଇଥିଲେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ମିଥ୍ୟା ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରାଯାଉନାହିଁ। ଉକ୍ତ ରାସ୍ତା ଦେଇ ଜାତୀୟ ରାଜପଥର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯାତାୟାତ କରୁଥିଲେ ମଧ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଅନ୍ୟପଟେ ଉକ୍ତ ରାସ୍ତା ଦେଇ ସ୍ଥାନୀୟ ନେତା ଓ ପ୍ରତିନିଧିମାନେ ଯାତାୟାତ କରୁଥିଲେ ମଧ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏଦିଗରେ ପଦକ୍ଷେପ ନିଆଯାଉନଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗିରିସୋଲାଠାରୁ ପୋଇଁତଳା ଛକ ଯାଏ ୧୬ନଂ ଜାତୀୟ ରାଜପଥ ରାସ୍ତା ଉନ୍ନତିକରଣ, ଆଲୋକିକରଣ ଓ ଡ୍ରେନେଜ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ହେଉଥିବାରୁ ଦୁର୍ଘଟଣାର ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ଗତ ଏକ ବର୍ଷ ହେଲା ଅଟୋନଗରରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନୀ ହେଉଛି। ଗତ ୨୩ ଦିନ ମଧରେ ଗୋଳନ୍ଥରା ଥାନାରେ ୪ଟି ଦୁର୍ଘଟଣା ମାମଲା ରୁଜୁ ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ବହୁ ଧନଜୀବନ ରକ୍ଷା ହୋଇପାରିବ।

# ସହରାଞ୍ଚଳ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପିଡି

**କାଉନସିଲ ନୂତନ ନିଯୁକ୍ତି ଦେଇପାରିବ ନାହିଁ**



ବୈଠକରେ ଉପସ୍ଥିତ ଅଧିକାରୀ ।

ଭଞ୍ଜନଗର,୨୯।୪(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡର ୫ ଏନ୍‌ଏସିରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ଶୁକ୍ରବାର ଭଞ୍ଜନଗର ଏନଏସିରେ ଡୁଡ଼ା ପିଡି ସଚ୍ଚିଦାନନ୍ଦ ନାୟକ ସମୀକ୍ଷା ବୈଠକରେ ଅଧକ୍ଷତା କରି ଏନ୍‌ଏସି ଗୁଡ଼ିକର ବିକାଶ ପାଇଁ ସରକାର ବହୁ ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି କହିଥିଲେ। ଯେଉଁ ଅନୁପାତରେ ଟଙ୍କା ଖର୍ଚ୍ଚ ହେଉଛି ତାହାକୁ ଦେଖି ରାଜସ୍ୱ ଆୟ ବୃଦ୍ଧି ଚିନ୍ତା କରିବାକୁ ହେବ। ଏଥିପାଇଁ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ। ସଲାସୁତରାରେ କାମ କଲେ ଏନ୍‌ଏସିର ବିକାଶ ହୋଇପାରିବ ନାହିଁ ବୋଲି ପିଡି ଉପସ୍ଥିତ କର୍ମଚାରୀମାନଙ୍କୁ କହିଥିଲେ । ବର୍ତ୍ତମାନ ନୂଆ କାଉନସିଲ ଆସିଛି। କାଉନସିଲ ବୈଠକର ୨ଦିନ ପୂର୍ବରୁ କର୍ମଚାରୀମାନେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବେ । କାଉନସିଲକୁ ଆଇନ ଅନୁଯାୟୀ ପରାମର୍ଶ ଦେବେ। କାଉନସିଲ ନୂତନ କର୍ମଚାରୀ ନିଯୁକ୍ତି ଦେଇପାରିବ ନାହିଁ। ଏନଏସି ଗୁଡ଼ିକରେ ବିଭିନ୍ନ କାର୍ଯ୍ୟରେ ନିଦ୍ଦିଷ୍ଟ ଠିକାଦାର ସାମିଲ ହେଉଛନ୍ତି। ତେଣୁ ଅଧିକରୁ ଅଧିକ ଠିକାଦାରଙ୍କୁ ଟେଣ୍ଡରରେ ସାମିଲ କରାଯାଉ। ଏସ୍‌ଏଚ୍‌ଜିକୁ ମଧ ଅଧିକ ଟଙ୍କାର କାମ ଦିଆଯାଉ ବୋଲି କହିଥିଲେ। ସେହିପରି ପୋଖରୀଗୁଡ଼ିକ ଲିଜ୍ ଦର ବଢ଼ାଇବାକୁ ଆବଶ୍ୟକ ଦୃଷ୍ଟି ଦେବାକୁ ପିଡି କହିଥିଲେ। ଅନେକ ଏନଏସିରେ ଷ୍ଟ୍ରିଟ ଲାଇଟକୁ ନେଇ ସମସ୍ୟା ରହିଛି। ତାହାର ତୁରନ୍ତ ସମାଧାନ କରିବା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକର ଉନ୍ନତୀକରଣ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ବୈଠକରେ ଭଞ୍ଜନଗର ଏନଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବେଲଗୁଣ୍ଠାର ରାକେଶ ପାତ୍ର, ସୋରଡ଼ାର ଦ୍ୟୁତିକୃଷ୍ଣ ପାତ୍ର, ଆସିକା ନିର୍ବାହୀ ଅଧିକାରୀ ଲୋକନାଥ ବେଜ୍, ଭଞ୍ଜନଗର ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ବୁଗୁଡ଼ା ନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।



ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୩୦ ଏପ୍ରିଲ, ୨୦୨୨



## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ରାଇକିଆ,୨୯।୪(ଡ.ଏନ.ଏ):** ରାଇକିଆ ବ୍ଲକରେ ଶୁକ୍ରବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ଅତିଥି ଭବନ, ବେରେଡାକିଆ ମାର୍କେଟ କମ୍ପ୍ଲେକ୍ସ ଗୃହ ଏବଂ ବଜାର ଚାରିଛକଠାରେ ଏଟିଏମ ମେଶିନକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ବ୍ଲକ ଉପାଧକ୍ଷା ରୀନା ପ୍ରଧାନ, ବିଡିଓ ସ୍ମରଣିକା ତୁଳଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

### ୧୦୬ ହିତାଧିକାରୀଙ୍କୁ ଜମି, ଘର ପଟ୍ଟା ପ୍ରଦାନ

**ପୁରୁଷୋତ୍ତମପୁର,୨୯।୪(ଡ଼ି.ଏନ.ଏ.):** ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟକୁ ଜମି ଓ ଘର ପଟ୍ଟା ଲାଗି ହିତାଧିକାରୀଙ୍କୁ ଆଉ ଦୌଡିବାକୁ ପଡୁନାହିଁ। ନିତିଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ନିଜେ ତହସିଲଦାର, ଅତିରିକ୍ତ ତହସିଲଦାର ସୁନୀଲ କୁମାର ଟୁଡୁ ଓ କର୍ମଚାରୀମାନେ ରାଜସ୍ୱ ରଥ ମାଧମରେ ଗ୍ରାମକୁ ଗ୍ରାମ ଯାଇ ଘର ଘର ବୁଲି ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି। କିପରି ଅଧିକରୁ ଅଧିକ ହିତାଧିକାରୀ ଶୀଘ୍ର ପଟ୍ଟା ପାଇପାରିବେ, ଲୋକେ ଖରାରେ ତହସିଲକୁ ଦୌଡ଼ି ଆସିବେ ନାହିଁ ସେନେଇ ତହସିଲଦାର ପଦକ୍ଷେପ ନେଇ ଗୋଟିଏ ଦିନରେ ୧୦୬ ହିତାଧିକାରୀଙ୍କୁ ଡାକ ଯୋଗେ ସ୍ପିଡପୋଷ୍ଟ ମାଧମରେ ହିତାଧିକାରୀଙ୍କ ଘରକୁ ପଟ୍ଟା ପଠାଇଛନ୍ତି।

### ଯୁବ ସଂସ୍କାର କାର୍ଯ୍ୟକ୍ରମ

**ବୁଗୁଡ଼ା,୨୯।୪(ଡି.ଏନ.ଏ.):** ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବୁଗୁଡ଼ା ବ୍ଲକର ବାଲିପଦର ଆଞ୍ଚଳିକ ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ତରଫରୁ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିବେକାନନ୍ଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ଅଧାପକ ଗୋପୀନାଥ ମହାନ୍ତି ଓ ପ୍ରୋଗ୍ରାମ ଅଧିକାରିଣୀ ମିନତୀ ଆଚାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ଭକ୍ତଲତା ମହାପାତ୍ର, କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଗୌଡ ଓ ଅନ୍ୟ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିବା ବେଳେ ପରିଶେଷରେ ଅଧାପକ ପ୍ରେମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତ ସମିତି ବୈଠକ

**ଖଲ୍ଲିକୋଟ,୨୯।୪(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ପରିସରରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଦଇତାରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବିଡିଓ ମିତାଲି ପାତ୍ର, ଉପାଧକ୍ଷା ଭାରତୀ ମହାରଣା, ଆଇଆଇସି ଜଗନ୍ନାଥ ମଲ୍ଲିକ, ଏଇ ଛନ୍ଦାଶ୍ରୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କୃଷି, ଉଦ୍ୟାନ ବିଭାଗ, ଯୋଗାଣ, ଇନ୍ଦିରାବାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା। ବହୁ ହିତାଧିକରୀ ଚାଉଳ ପାଉନଥିବା ନେଇ ବିକ୍ରମପୁର ସରପଞ୍ଚ ପ୍ରଶ୍ନ ଆଚାର୍ଯ୍ୟ ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ। ପ୍ରତ୍ୟେକ ପଞ୍ଚାୟତର ବଜାର ଓ ଛକ ଜାଗାରେ ପଞ୍ଚାୟତ ଫଣ୍ଡରୁ ସିସି ଟିଭି ଲଗାଇବା ପାଇଁ ଆଇଆଇସି ମଲ୍ଲିକ ପ୍ରସ୍ତାବ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଖଲ୍ଲିକୋଟ ବ୍ଲକ ପଛରେ ପଡ଼ିଥିବାରୁ ଏହି କାମ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ସରପଞ୍ଚଙ୍କୁ ବ୍ଲକ ପ୍ରଶାସନ ତରଫରୁ ଜଣାଯାଇଥିଲା। ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ସୂଚନା ବିଭାଗୀୟ ଅଧିକାରୀ ଜଣାଇଥିଲେ। ଏହି ବୈଠକର ବିକ୍ରମପୁର ସରପଞ୍ଚ ପ୍ରଶ୍ନ ଆଚାର୍ଯ୍ୟ, ଶ୍ରୀକୃଷ୍ଣଶରଣପୁର ସରପଞ୍ଚ ରୁବିଲତା ସାହୁ, କଞ୍ଚଣା ସମିତିସଭ୍ୟ ଚିତ୍ରସେନ ଘୋଷ, ଖୋଜାପଲି ସରପଞ୍ଚ ପିଙ୍କି ସ୍ୱାଇଁ, କହ୍ନେଇପୁର ସରପଞ୍ଚ ପ୍ରକାଶ ସାସମଲ, ସମିତିସଭ୍ୟ ଶିବାନୀ ସାହୁଙ୍କ ସମେତ ୨୯ ପଞ୍ଚାୟତର ଜନ ପ୍ରତିନିଧି ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

### ଗୁଳି ଫୁଟି ଶିକାରୀ ଗୁରୁତର

**ଭଞ୍ଜନଗର,୨୯।୪(ଡି.ଏନ.ଏ):** ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଖାରିଗୁଡା ଗ୍ରାମ ନିକଟରେ ଶୁକ୍ରବାର ରାତିରେ ବାରହା ଶିକାର କରିବାକୁ ଯାଇଥିବା ଶିକାରୀ ନିଜ ବନ୍ଧୁକରୁ ଗୁଳି ଫୁଟି ଆହତ ହୋଇଛନ୍ତି। ସେ ହେଲେ ରୋହିତ ନାୟକ। ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ବନ ବିଭାଗ ପାଖରେ କୌଣସି ସୂଚନା ନାହିଁ।

# ଗୋଚ୍ଛାପଡ଼ା ଥାନାଧିକାରୀଙ୍କ ନିଲମ୍ବନ ଦାବିରେ ରାସ୍ତାରୋକୋ

**ଫୁଲବାଣୀ ଅଫିସ, ୨୯।୪**



ରାସ୍ତାରୋକୋ ଚାଲିଛି।

କନ୍ଧମାଳ ଜିଲା ଗୋଚ୍ଛାପଡା ଥାନାଧିକାରୀଙ୍କ ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ମିଥ୍ୟା ଗଞ୍ଜେଇ ମାମଲାରେ ବହୁ ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରି ନିର୍ଯାତନା ଦେଉଛନ୍ତି। ଏଭଳି ନିର୍ଯ୍ୟାତନାର ଶୀକାର ହୋଇ କିଛିଦିନ ତଳେ ଚିକିତ୍ସାଧୀନ ଅବସ୍ଥାରେ ପାଇରାଜୁ(ଫ୍ରାକିକେତା) ଗ୍ରାମର ମୃତ୍ୟୁଞ୍ଜୟ କହଁରଙ୍କ ମୃତ୍ୟୁ ହୋଇଛି । ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶୁକ୍ରବାର ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରଛନ୍ତି। ଘଟଣାର ସମାଧାନ କରିବାକୁ ଆସି ବରିଷ୍ଠ ଅଧିକାରୀଙ୍କୁ ହଟହଟା ହେବାକୁ ପଡିଛି ।

୨୦୨୧ ନଭେମ୍ବର ୩୧ରେ ପୋଲିସ ସାଦା ପୋଷାକରେ ଆସି ମୃତ୍ୟୁଞ୍ଜୟଙ୍କୁ ଘରୁ ଉଠାଇ ନେଇଥିଲା । ତାଙ୍କ ନାମରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ମିଥ୍ୟା କେସ୍ କରି ଥାନାରେ ଅକଥନୀୟ ଅତ୍ୟାଚାର ସହ ମାଡ ମରାଯାଇଥିଲା। ଏହାପରେ ତାଙ୍କୁ କୋର୍ଟରେ ହାଜର କରାଯାଇ ଫୁଲବାଣୀ ଜେଲକୁ ପଠାଇ ଦିଆଯାଇ ଥିଲା । ଗତ ୩୦ ତାରିଖରେ ସେ ଅସୁସ୍ଥ ହେବାରୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ନ ସୁଧୁରିବାରୁ ବ୍ରହ୍ମପୁର ପଠାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁଞ୍ଜୟଙ୍କ ମୃତ୍ୟୁ ହୋଇଥିଲା । ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା । ଗତ ୪ ତାରିଖରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଗୋଚ୍ଛାପଡା ଥାନା ଅଞ୍ଚଳ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ଜନସାଧାରଣ ଏକତ୍ରିତ ହୋଇ ପୋଲିସର ମନମୁଖି କାର୍ଯ୍ୟକୁ ବିରୋଧ କରିବା ସହ ଗୋଚ୍ଛାପଡା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗୋଚ୍ଛାପଡା ଥାନାଧିକାରୀ, ଅତିରିକ୍ତ ଥାନାଧିକାରୀ ସୋମନାଥ ବିନ୍ଧାଣୀ ଓ ଦୁର୍ଯ୍ୟଶେଖର ମଲ୍ଲିକଙ୍କୁ ତୁରନ୍ତ ନିଲମ୍ବନ ସହ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତି ପୁରଣ ଦେବାକୁ ସେମାନେ ଦାବି କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଏହି ପରିବାରକୁ କିଛି ସହାୟତା ଦିଆଗଲା ନାହିଁ । ଫଳରେ ଲୋକେ ପୁଣି ଉତ୍ୟକ୍ତ ହୋଇ ଗୋଚ୍ଛାପଡା ବନ୍ଦ ଡାକରା ଦେଇଥିଲେ । ସକାଳେ ସେମାନେ ରାସ୍ତାରୋକ କରିବା ସହ ଥାନା ଘେରାଉ କରିଥିଲେ । ଅତିରିକ୍ତ ଏସପି ବିପିନ ବିହାରି ବେହେରାଙ୍କ ସହ ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପାଇଁ ଚେଷ୍ଟା କରିଥିଲେ ।

# ଏସ୍‌ଟିଏଫ୍ ପଞ୍ଝାରେ ଦୁଇ ଗଞ୍ଜେଇ ବେପାରୀ

**ବୁଗୁଡ଼ା,୨୯।୪(ଡି.ଏନ.ଏ.)**

ବୁଗୁଡାର ଦୁଇ ପୋଖତ ଗଞ୍ଜେଇ ବେପାରୀ ଭାଇ ବନମାଳୀ ପ୍ରଧାନ ଓ ଅରୁଣ ଗୁରୁବାର ମଧ୍ୟରାତିରେ ଏସ୍‌ଟିଏଫ୍ ପଞ୍ଝାରେ ପଡ଼ିଛନ୍ତି। ସେମାନଙ୍କଠାରୁ ୧୧୦୦ କି.ଗ୍ରା ଗଞ୍ଜେଇ, ୧ କି.ଗ୍ରା ଅଫିମ, ୬୮୨ ଗ୍ରାମ୍ ସୁନା ଓ ୧୨୦ ଗ୍ରାମ୍‌ର ରୁପା ଅଳଙ୍କାର, ୨ କାର୍ ସମେତ ଅଚଳାଚଳ ସମ୍ପତ୍ତିର ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ରକୁ ଏସ୍‌ଟିଏଫ୍ ଟିମ୍ ଜବତ କରିଛି। ପ୍ରକାଶ ଯେ, ଗୁରୁବାର ରାତି ପ୍ରାୟ ସାଢ଼େ ୧୨ଟାରେ ବୁଗୁଡ଼ା ରଘୁନାଥ ସାହିସ୍ଥିତ ବନମାଳୀ ପ୍ରଧାନଙ୍କ ଘର ଉପରେ ଏସ୍‌ଟିଏଫ୍ ଟିମ୍ ଅଚାନକ ଚଢ଼ାଉ କରି ଦୁଇଭାଇଙ୍କୁ ଗିରଫ କରିଥିଲା। ଉକ୍ତ ଚଢ଼ାଉ ବେଳେ ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଅତିରିକ୍ତ ଥାନାଧିକାରୀ ଶର୍ମିଷ୍ଠା ପ୍ରଧାନ ଉପସ୍ଥିତ ରହିଥିଲେ। ଭୁବନେଶ୍ୱରରୁ ଆସିଥିବା ୭ ଜଣିଆ ଏସ୍‌ଟିଏଫ୍ ଟିମ୍ ୩ ଘଣ୍ଟା କସରତ ପରେ ଜବତ ସାମଗ୍ରୀ ସହ ଦୁଇ ଗଞ୍ଜେଇ ବେପାରୀଙ୍କୁ ଉଠାଇ ନେଇଥିଲା। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ବୁଗୁଡ଼ା ଅଞ୍ଚଳର ଛୋଟ ବଡ଼ ଶତାଧିକ ଗଞ୍ଜେଇ ବେପାରୀଙ୍କ ଛାତିରେ ଛନକା ପଶିଥିବା ଜଣାଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ବୁଗୁଡ଼ା ସହରର ବହୁ ଦୋକାନରେ ବିକ୍ରି ହେଉଥିବା ଗଞ୍ଜେଇ ସିଗାରେଟ୍ ଅଚାନକ ଗାଏବ୍ ହୋଇଯାଇଛି। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଏହି ଗଞ୍ଜେଇ ବେପାର କରି ଅଞ୍ଚଳରେ କାୟା ବିସ୍ତାର ସହ ଅଚଳାଚଳ ସମ୍ପତ୍ତିର ଅଧିକାରୀ ହୋଇଥିବା ସାଧାରଣରେ ଆଲୋଚନା ଜୋର୍ ଧରିଛି। ଯଦି ଏସ୍‌ଟିଏଫ୍ ତଦନ୍ତ ପ୍ରକ୍ରିୟାକୁ କଡ଼ାକଡ଼ି କରିବ ତେବେ ଏହି ବେପାରର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି, ତାହାର ପର୍ଦାଫାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଘରୁ ୮୫ କେଜି ଗଞ୍ଜେଇ ଜବତ, ମାଲିକ ଗଲେ ଜେଲ

**ଦିଗପହଣ୍ଡି,୨୯।୪(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ପାଟପୁର ପଳାସପୁର ଛକର ପୁରୁଷୋତ୍ତମ ସାହୁଙ୍କୁ ଶୁକ୍ରବାର ପାଟପୁର ପୋଲିସ ଗିରଫ କରି ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ.୧୩୩/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଏ ନେଇ ଶୁକ୍ରବାର ପାଟପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ଏବଂ ପାଟପୁର ଆଇଆଇସି ସବ୍ୟସାଚୀ ମଲ୍ଲ ସବିଶେଷ ସୂଚନା ଦେଇଛନ୍ତି। ପୋଲିସ ସୂଚନା ପ୍ରକାରେ, ଗୁରୁବାର ପାଟପୁର ଏସଆଇ ମିଳନ ପ୍ରଧାନ ସଦଳବଳେ ପାଟ୍ରୋଲିଂ କରୁଥିବା ବେଳେ ପାଟପୁର ପଳାସପୁର ଘୋଡ଼ାହାଡ଼ ନଦୀର ବ୍ରିଜ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ୨ ପଲିଥିନ ବସ୍ତାରେ ଚୋରା ଚାଲାଣ ପାଇଁ ଗଞ୍ଜେଇ ମହଜୁଦ ଥିବା ଖବର ମିଳିଥିଲା। ପରେ ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ୨ ଜଣ ସରକାରୀ ସାକ୍ଷୀ ଏବଂ ସାନଖେମୁଣ୍ଡି ତହସିଲଦାର ଡ଼.ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ଘରେ ଖାନ୍‌ତଲାଶ କରାଯିବାରୁ ଅଖାରେ ଥିବା ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ଯ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ଆକଳନ କରାଯାଇଛି। ଏ ନେଇ ଘରମାଲିକ ତଥା ଅଭିଯୁକ୍ତ ପୁରୁଷୋତ୍ତମଙ୍କୁ ଗୁରୁବାର ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯିବା ପରେ ଶୁକ୍ରବାର ଗିରଫ କରାଯାଇଥିଲା। ଗତ କିଛିବର୍ଷ ହେଲା ସାନଖେମୁଣ୍ଡି ବ୍ଲକର ଡେଙ୍ଗାଓସ୍ତା, ଧର୍ମପୁର, କଂସାମାରି, ପୋଡାମାରୀ ପ୍ରଭୃତି ବିଭିନ୍ନ ଗ୍ରାମାଞ୍ଚଳକୁ ଆସି ସ୍ଥାନୀୟ କିଛି ଗଞ୍ଜେଇ ବ୍ୟବସାୟୀମାନଙ୍କ ସହାୟତାରେ ଆନ୍ତଃ ରାଜ୍ୟ ଗଞ୍ଜେଇ ମାଫିଆମାନେ ଦିବା ଲୋକରେ ଗଞ୍ଜେଇ ଚୋରା ଚାଲାଣ କରିଆସୁଛନ୍ତି। ଗତ ପ୍ରାୟ ୧ ବର୍ଷ ମଧ୍ୟରେ ପାଟପୁର ଥାନା ଏବଂ ଅବକାରୀ ବିଭାଗ ପକ୍ଷରୁ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯିବା ସହ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଗାଡି ଏବଂ ୧୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ବେଳେ ଗତ ୨ ମାସ ମଧ୍ୟରେ କେବଳ ପାଟପୁର ପୋଲିସ ୧୩୮୧.୪୬୦ ଗ୍ରାମ ଭାଙ୍ଗ ଏବଂ ୪୯୮ କେ.ଜି ଗଞ୍ଜେଇ ଜବତ କରିଛି। ଗଞ୍ଜାମ - ଗଜପତି ସୀମାନ୍ତ ସାନଖେମୁଣ୍ଡି ବ୍ଲକର ଉପାନ୍ତ ଅଞ୍ଚଳ ଏବେ ଗଞ୍ଜେଇ ବ୍ୟବସାୟୀଙ୍କ ଟ୍ରାଞ୍ଜିଟ୍ ପଏଣ୍ଟ ପାଲଟିଛି।

# ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ବଦଳିଲେ ଡାକ୍ତର

**ଆର.ଉଦୟଗିରି,୨୯।୪(ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ବ୍ଲକ ଯାହାକି ୩୧ଟି ପଞ୍ଚାୟତକୁ ନେଇ ଗଠିତ। ଏଠିକାର ଲୋକେ ଅନ୍ଧ ବିଶ୍ୱାସରେ ବୁଡି ରହୁଥିବାରୁ ଅନେକ ହିଂସାକାଣ୍ଡ ଘଟୁଛି। ତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଗଜପତି ଜିଲା ପାଇଁ ଅଧିକ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇଛନ୍ତି। ହେଲେ ମୋହନା ବ୍ଲକର ସବୁଠୁ ବଡ଼ ପଞ୍ଚାୟତ ସିକୁଳିପଦରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଦିନ ହେଲା ଡାକ୍ତର ପୃଥିବୀ ରାଜ ଜେନା ଲୋକଙ୍କୁ ଉଚିତ ସେବା ନ ଯୋଗାଇ ବହୁ ଦିନ ଅନୁପସ୍ଥିତ ରହୁଛନ୍ତି। ଏପରିକି ରୋଗୀଙ୍କୁ ସେବା ଯୋଗାଇ ଟଙ୍କା ମଧ୍ୟ ନେଉଛନ୍ତି। କିଛିଦିନ ତଳେ ରୋଗୀଙ୍କୁ ଡେଟ ଚାଲିଯାଇଥିବା ଔଷଧ ଦେଇଥିଲେ। ଯାହାକୁ ନେଇ ବହୁ ଅଭିଯୋଗ ପରେ ଖବର ପ୍ରକାଶ ପାଇଥିଲା। ଏନେଇ ଜିଲାପାଳ ତାଙ୍କର ବଦଳି କରାଇଥିଲେ ଛେଳିଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ। କିନ୍ତୁ ପୃଥିବୀ ରାଜ ଜେନା ଜିଲାର କିଛି ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ପୁଣି ସିକୁଳିପଦର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପୁଣି ନୂତନ ସରପଞ୍ଚ ସତ୍ୟ ଦଣ୍ଡସେନା ଓ ପଞ୍ଚାୟତ ମେମ୍ବରମାନେ ଗ୍ରାମ ସଭାରେ ଆଲୋଚନା କରି ଜିଲାପାଳଙ୍କୁ ଅଭିଯୋଗ କରିବା ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପୃଥିବୀରାଜ ଜେନାଙ୍କୁ ଗାରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରିଛନ୍ତି। ତୁରନ୍ତ ସେଠାରେ ଦାୟିତ୍ୱ ନେବା ପାଇଁ ଉଲ୍ଲେଖ ରହିଛି। ଚିଠି ନଂ୨୯୨୦ରେ ସିକୁଳିପଦର ସ୍ୱାସ୍ଥ୍ୟକେନ୍ଦ୍ରକୁ ମୋହନା ମେଡ଼ିକାଲର ଡାକ୍ତର ମହେଶ୍ୱର ଭୁବଳେନ୍ଦ୍ର ସିଂଙ୍କୁ ବଦଳି କରାଯାଇଛି। ତୁରନ୍ତ ପୃଥିବୀରାଜ ଜେନାଙ୍କୁ ଏଠାରୁ ବଦଳି କରିଥିବାରୁ ଅଞ୍ଚଳବାସୀ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ଆଇନ ଶୃଙ୍ଖଳା ଲାଗି ଗଞ୍ଜାମକୁ ଶ୍ରେଷ୍ଠ ଆୱାର୍ଡ




ଆୱାର୍ଡ ଗ୍ରହଣ କରୁଛନ୍ତି।

**ଛତ୍ରପୁର,୨୯।୪(ଡି.ଏନ.ଏ)**

ଆଇନ୍ ଶୃଙ୍ଖଳା ବଜାୟ ରଖିବାରେ ସଫଳତା ପାଇଁ ଗଞ୍ଜାମ ଜିଲାକୁ ଶୁକ୍ରବାର ଭୁବନେଶ୍ୱରଠାରେ ଇଣ୍ଡିଆ ଟୁଡେ କନକ୍ଲେଭ୍‌ରେ ଶ୍ରେଷ୍ଠ ଆୱାର୍ଡ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମୁଖ୍ୟଶାସନ ସଚିବ ସୁରେଶ କୁମାର ମହାପାତ୍ର ଏହି ଆୱାର୍ଡ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଏସପି ବ୍ରିଜେଶ କୁମାର ରଏ ଓ ବ୍ରହ୍ମପୁର ଏସପି ପିନାକ ମିଶ୍ର ଗ୍ରହଣ କରିଥିଲେ । ଆୱାର୍ଡ ମିଳିବା ନେଇ ଖୁସି ଅଛୁ, ପୋଲିସର ଆହୁରି ଦାୟିତ୍ୱ ବଢ଼ିଛି ବୋଲି ଏସପି ରଏ କହିଛନ୍ତି। ଆଗାମୀ ଦିନରେ ମହିଳା, ବୃଦ୍ଧାବୃଦ୍ଧଙ୍କ ସୁରକ୍ଷା, ଆଇନ୍ ଶୃଙ୍ଖଳା ଆହୁରି କିଭଳି ସୁଦୃଢ଼ ହେବ, ଜନସାଧାରଣଙ୍କୁ ସବୁ ସେବା ଯୋଗାଇପାରିବୁ ସେ ନେଇ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ଆୱାର୍ଡ ଏଥିପାଇଁ ପ୍ରେରଣା ଯୋଗାଉଛି ବୋଲି ଏସପି କହିଥିଲେ ।

# ଅବ୍ୟବସ୍ଥାରେ ସରିଲା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା

**ଚିକିଟି,୨୯।୪(ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଚିକିଟି ବିଧାୟିକା ଉଷା ଦେବୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଚିକିଟି ବିଡିଓ ଦାୟିତ୍ୱରେ ଥିବା ପାତ୍ରପୁର ବିଡିଓ ପ୍ରକାଶ କୁମାର ଦାସ, ବ୍ଲକ ଅଧକ୍ଷ ଆପନା ସେଠୀ, ଚିକିଟି ବିଜ୍ଞାପିତଞ୍ଚଳ ପରିଷଦର ଅଧକ୍ଷା ଦିପା କୁମାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ମନୋଜ କୁମାର ପାଢିଙ୍କ ଅଧକ୍ଷତାରେ ଅନୁଷ୍ଠିତ ମେଳାରେ ବ୍ରହ୍ମପୁର ଡିପିହେଚଓ ଜଗଦିଶ ପଟ୍ଟନାୟକ, ସଂକ୍ରମିତ ବ୍ୟାଧି ବିଶେଷଜ୍ଞ ଡା ସାବିତ୍ରୀ ରାଉତ, ପ୍ରଭୁପ୍ରସାଦ ପଣ୍ଡା, ରାମ ଶଙ୍କର ସାବତ, ବଳରାମ ବେହେରା, ମିନାକ୍ଷୀ ସାହୁ, ସୁନିଲ ସାହୁ, ଡଃ କିରଣ କୁମାର ନାୟକ, ଦେବୀ ପ୍ରସାଦ ଦାସ, ପୁରଞ୍ଜିତ ପାତ୍ର ପ୍ରମୁଖ ଯୋଗଦେଇ ୧୮୭ ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ମେଳାର ପ୍ରସାର ଓ ପ୍ରଚାର ଅଭାବରୁ ବହୁ ସଂଖ୍ୟକ ରୋଗୀ ଏହାର ସୁବିଧା ପାଇପାରୁନଥିବା କିମ୍ବା ଜାଣିପାରିନଥିବା ଅଭିଯୋଗ ହୋଇଛି। ମେଳାରେ ନାନା ଅବ୍ୟବସ୍ଥା ହୋଇଥିବା ବେଳେ କୌଣସି ସୂଚନା ଦିଆଯାଇନାହିଁ। ଜଳଛତ୍ର ବ୍ୟବସ୍ଥା ହୋଇନଥିଲା। ରୋଗୀଙ୍କୁ ଆଣିବା ନେବା ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିଲା। ଅଧିକାଂଶ ଗ୍ରାମାଞ୍ଚଳରେ ପ୍ରଚାର କରାଯାଇନଥିଲା। ଏ ନେଇ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ମନୋଜ କୁମାର ପାଢିଙ୍କ ସହ ଯୋଗାଯୋଗ କରିବାରେ ଏହାକୁ ଅସ୍ୱୀକାର କରିବା ସହ ଗ୍ରାମାଞ୍ଚଳରେ ପ୍ରଚାର କରାଯିବା ସଙ୍ଗେ ସଙ୍ଗେ ଅଙ୍ଗନୱାଡି କର୍ମୀ ଓ ଆଶାମାନଙ୍କ ଜରିଆରେ ସୂଚନା ଦିଆଯାଇଥିଲା।

# ଅବସରପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକଙ୍କ ଘରୁ ଚୋରି

**ଗୋପାଳପୁର,୨୯।୪(ଡି.ଏନ.ଏ.)**

ଗୋପାଳପୁର ଥାନା ଅନ୍ତର୍ଗତ ଭକ୍ତ ସାଲବେଗ ନଗରରେ ଏକ ବଡ଼ ଧରଣର ଚୋରି ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ଭକ୍ତ ସାଲବେଗ ନଗର ଠାରେ ଅବସରପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକ ଜ୍ୟୋତିପ୍ରକାଶ ବେହେରା ପରିବାର ସହ ରୁହନ୍ତି। ଗତ ୨୨ରେ କୌଣସି କାର୍ଯ୍ୟରେ ସପରିବାର ମାଲକାନଗିରି ଯାଇଥିଲେ। ଘରର ଦାୟିତ୍ୱରେ ପୁତୁରା ଅମିତ କୁମାର ସାହୁଙ୍କୁ ଘରର ଚାବି ଦେଇଥିଲେ। ବୁଧବାର ମଧ ରାତ୍ରିରେ ଘରେ କେହି ନଥିବା ଦେଖି ଦୁର୍ବୃତ୍ତମାନେ ଘରର ପଛପଟ କବାଟ ଭାଙ୍ଗ ଭିତରକୁ ପଶି ଦୁଇଟି ସୁନା ହାର, ୪ମୁଦି, ୪ ଲକେଟ, ୨ ସୁନା କଏନ, ଦୁଇ ଚେନ ସହ ଦୁଇଟି ଲକେଟ, ରୁପା ପାଟି ୨ ହଳ ସମେତ ବହୁ ସୁନା ଓ ରୁପା ଅଳଙ୍କାର ପାଖାପାଖି ୧୮୦ ଗ୍ରାମରୁ ଊର୍ଦ୍ଧ୍ୱ ଓ ନଗଦ ୭୩ ହଜାର ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଗୁରୁବାର ନୟାଗଡ଼ରେ ରହୁଥିବା ଜ୍ୟୋତି ପ୍ରକାଶଙ୍କ ପୁତ୍ର ଘରେ ଚୋରି ହୋଇଥିବା ଖବର ପାଇଥିଲେ। ଏନେଇ ପୁଅ ବାପାଙ୍କୁ ଜଣାଇବା ପରେ ଶୁକ୍ରବାର ଜ୍ୟୋତି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନା ନଂ. ୭୧/୨୨ରେ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଚୋରି ହୋଇଥିବା ଘଟଣାସ୍ଥଳକୁ ପୋଲିସ, ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଛି।

# ଶୃଙ୍ଖଳାର ସହ ବିଦ୍ୟାର୍ଥୀ ଦେଲେ ମାଟ୍ରିକ ପରୀକ୍ଷା



ବାଲିଗୁଡ଼ା:ଛାତ୍ରୀମାନେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି।

**ବାଲିଗୁଡା,୨୯।୪(ଡି.ଏନ.ଏ)**

ବାଲିଗୁଡାରେ ୩ ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ଶୃଖଳାର ସହ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ବାଲିଗୁଡ଼ା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ୧୮୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୧ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟରେ ୨୦୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୯ ଜଣ ମାଟ୍ରିକ ପରୀକ୍ଷା ଦେଇଛନ୍ତି।

# ରାଜ୍ୟ ଖାଦ୍ୟ କମିଶନ ଅଧକ୍ଷଙ୍କ ଗଜପତି ଗସ୍ତ

**ପାରଳାଖେମୁଣ୍ଡି,୨୯।୪(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଖାଦ୍ୟ କମିଶନ ଅଧକ୍ଷ ପି.କେ.ମେର୍କାପ ଶୁକ୍ରବାର ଗଜପତି ଜିଲା ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ମେର୍କାପଙ୍କ ସହ ରାଜ୍ୟ ଖାଦ୍ୟ କମିଶନର ସଭ୍ୟ ଡିଏନ ପାଢୀ ଓ ମେମ୍ବର ସେକ୍ରେଟାରୀ ସିବାନୀ ମହାନ୍ତି ଉପସ୍ଥିତ ଥିଲେ। ମେର୍କାପ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ପାରଳାଖେମୁଣ୍ଡିଠାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଚିକିତ୍ସାଳୟରେ ଖାଦ୍ୟ ଯୋଗାଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ ପାତ୍ର, ଡିଏମଓ ଡା. ପ୍ରମୋଦ ପଣ୍ଡା, ଶିଶୁ ବିଶେଷଜ୍ଞ ଡାକ୍ତର ପ୍ରଶାନ୍ତ ପାଢୀ, କାଉନସିଲର ସଂଗୀତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସିଦ୍ଧାମଡଙ୍ଗ ଗ୍ରାମଠାରେ ଥିବା ଫେୟାର ପ୍ରାଇସ ଶପ ପରିଦର୍ଶନରେ ଯାଇ ଷ୍ଟକ, ମୂଲ୍ୟ ଆଦି ସମ୍ପର୍କରେ ପଚାରି ବୁଝିଥିଲେ।

# ଦାରିଙ୍ଗବାଡ଼ିରେ ଅସହ୍ୟ ଗରମ, ତାପମାତ୍ରା ୩୬

**ଦାରିଙ୍ଗବାଡ଼ି,୨୯।୪(ଡି.ଏନ.ଏ)**



ମଇଁଷିଗୁଡ଼ିକ ପିଇବା ପାଣି ନପାଇ ରାସ୍ତା କଡ଼ର କର୍ଦ୍ଦମାକ୍ତ ପାଣିକୁ ପିଇ ତୃଷା ମେଣ୍ଟାଉଛନ୍ତି।

- ମଣିଷ ସମେତ ପ୍ରାଣୀଧନଙ୍କ ଅବସ୍ଥା ଶୋଚନୀୟ
- ଜଳସଙ୍କଟ ସବୁଠି, ହଟହଟା ଲୋକେ

ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଏବେ ପ୍ରଚଣ୍ଡ ଖରା ସହ ଗରମ ଗୁଳୁଗୁଳି ଲୋକଙ୍କୁ ଅସହ୍ୟ ଯନ୍ତ୍ରଣା ଦେଲାଣି । ତାପମାତ୍ରା ଯେଉଁଠି ଶୂନ ଡିଗ୍ରୀ ଯାଏ ରହୁଥିବା ନଜିର ରହିଛି ଏବେ ସେଇଠି ତାପମାତ୍ରା ୩୬ ଡିଗ୍ରୀ ପର୍ଯ୍ୟନ୍ତ ରହିଛି । ଗୋଟିଏ ପଟେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅଞ୍ଚଳର ୨୫ ପଞ୍ଚାୟତରେ ଜଳସ୍ତର ଦିନକୁ ଦିନ କମିବାରେ ଲାଗିଛି। କେଉଁଠି ନଳକୂପ ଅଚଳ ତ ଆଉ କେଉଁଠି ପାଇପ ଯୋଗେ ଜଳ ଯୋଗାଣ ବନ୍ଦ ରହିଛି । ଗୋଟିଏ ପଟେ ବିଦ୍ୟୁତ୍ ବିଭ୍ରାଟ ଏବଂ ଲୋ ଭୋଲଟେଜ ଯୋଗୁ ଜଳ ଯୋଗାଣ ଠିକ୍ ଭାବେ ହୋଇପାରୁନାହିଁ। ଫଳରେ ଲୋକେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ରାଜପଥ ସଂପ୍ରସାରଣ ପାଇଁ ବଡ଼ ବଡ଼ ଗଛ କଟାଯାଇ ସଫା କରାଗଲା, ଫଳରେ ଗରମର ପ୍ରଭାବ ଦ୍ୱିଗୁଣିତ ହୋଇଛି । ଏଭଳି ଅଞ୍ଚଳର ଗୁମିକିଆ ସମେତ ପର୍ଡ଼ମାହା, ସିମନବାଡ଼ି, ଦାରିଙ୍ଗବାଡ଼ି ବଜାର, ତିଲୋରି, ଭଳି ସମସ୍ତ ପଞ୍ଚାୟତର ଗାଁଗୁଡ଼ିକରେ ଜଳସଙ୍କଟ ଦେଖାଦେଇଛି । ଲୋ ଭୋଲଟେଜରୁ ନିସ୍ତାର ପାଇବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତକୁ ଉଚ୍ଚକ୍ଷମତା ସମ୍ପନ୍ନ ଷ୍ଟାବିଲାଇଜରକୁ ବ୍ୟବହାର କରି ପାଣି ମୋଟର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିବା ମଧ ଜଣାପଡ଼ିଛି । ସେହିପରି ଜଳ ଅଭାବ ଯୋଗୁ ପନିପରିବା ଚାଷ ମଧ ହୋଇପାରୁନଥିବାରୁ ଏବେ ଗଞ୍ଜାମ ଜିଲା ଉପରେ ନିର୍ଭର କରୁଛି ଦାରିଙ୍ଗବାଡ଼ି ଅଞ୍ଚଳ । ସେହିପରି ବର୍ଷର ଅଧିକାଂଶ ସମୟ ଥଣ୍ଡାରେ ଜୀବନ ବିତୁଥିବା ବେଳେ ଏହି ଏପ୍ରିଲଠାରୁ ଜୁନ ପର୍ଯ୍ୟନ୍ତ ଅସହ୍ୟ ଖରା ଗରମକୁ ସ୍ଥାନୀୟ ଲୋକଙ୍କ ପାଇଁ ବହୁତ କଷ୍ଟ ହୋଇପଡୁଛି। ପ୍ରଚଣ୍ଡ ଖରା ଯୋଗୁ ଲୋକେ ବହାରକୁ କାମଧନ୍ଦା ପାଇଁ ବାହାରିବା ମୁସ୍କିଲ ହୋଇପଡ଼ିଛି। ସେହିପରି ପୋଖରୀ, ଚୁଆଗୁଡ଼ିକରେ ଜଳାଭାବ ଦେଖାଯାଉଥିବାରୁ ଗୃହପାଳିତ ପ୍ରାଣୀ ପାଇଁ ଜଳକଷ୍ଟ ସର୍ବାଧିକ ହୋଇପଡ଼ିଛି । ସେମାନେ ଜଳ ପାଇଁ ଡହଳବିକଳ ହେବା ସହ ପୋଖରୀ ବଦଳରେ ଯେଉଁଠି ନାଳ ନର୍ଦ୍ଦମାରେ ଜଳ ଦେଖୁଛନ୍ତି ସେଠି ପାଣି ପିଉଛନ୍ତି ଏବଂ ଗରମରୁ ତ୍ରାହି ପାଇଁ ସେଠାରେ ହିଁ ଶୋଇରହୁଛନ୍ତି। ଏ ନେଇ ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ରଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ ସମସ୍ତ ପଞ୍ଚାୟତର ପାଇପଯୋଗେ ଜଳଯୋଗାଣ ପାଇଁ ଗୁରୁତ୍ୱ ଦିଆଯିବା ସହ ବକେୟା ବିଦ୍ୟୁତ୍ ବିଲ ପୈଠ କରାଯାଉଛି ଯେମିତି କୌଣସି ପମ୍ପ ହାଉସର ବିଦ୍ୟୁତ୍ କଟାଯିବ ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ସେହିପରି ନଳକୂପ ମରାମତି ପାଇଁ ଭ୍ରାମ୍ୟମାଣ ଗାଡ଼ି ବୁଲୁଛି ଏବଂ ମରାମତି କରୁଛି । ଯେଉଁଠି ରାସ୍ତା ସଂପ୍ରସାରଣ ଯୋଗୁ ପାଇପଗୁଡ଼ିକ ଫାଟି ନଷ୍ଟ ହୋଇଛି ଶୀଘ୍ର ତାକୁ ମରାମତି କରାଯିବା ପାଇଁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି । ନଳକୂପ ଯନ୍ତ୍ରପାତି ଗୁଡ଼ିକ ଆଗୁଆ କିଣାଯାଇ ମହଜୁଦ ରଖାଯାଇଛି ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରଶାସନ ପଦକ୍ଷେପ ନେଉଥିବା ସେ କହିଛନ୍ତି।

